ସମ୍ବାଦ ୧୭ ଗୁରୁବାର, ୨୩ ଜୁଲାଇ ୨୦୧୫, ଭୁବନେଶ୍ୱର

# ଭୁବନେଶ୍ୱର ଆଇଆଇଟିର ପ୍ରତିଷ୍ଠା ଦିବସ

ଭୁବନେଶ୍ୱର,୨୨।୭(ଇମିସ): ଭୁବନେଶ୍ୱର ଆଇଆଇଟିର ପ୍ରତିଷ୍ଠା ଦିବସ ଆଜି ସମନ୍ତପୁରୀ କ୍ୟାମ୍ପସରେ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଶାସନ ସଚିବ ଗୋକୁଳ ଚନ୍ଦ୍ର ପତି ମୁଖ୍ୟଅତିଥିଭାବେ ଯୋଗଦେଇ କହିଲେ, ଶିକ୍ଷା କ୍ଷେତ୍ରରେ ଓଡ଼ିଶା ଆଗକୁ ବଢ଼ୁଛି। ଗୋଟିଏ ପରେ ଗୋଟିଏ ଜାତୀୟସ୍ତରର ଶିକ୍ଷାନୁଷ୍ଠାନ ଏଠାରେ ପ୍ରତିଷ୍ଠା ହେଉଛି। ରାଜ୍ୟ ସରକାର ଏଥିପାଇଁ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦେଉଛନ୍ତି। ଶିକ୍ଷାନୁଷ୍ଠାନଗୁଡ଼ିକ ମଧ୍ୟ ଗବେଷଣା ଦିଗରେ ପଦକ୍ଷେପ ନେବା ସହ ଓଡ଼ିଶାକୁ ଶିକ୍ଷା କ୍ଷେତ୍ରରେ ଆଗକୁ ନେବାରେ ପ୍ରମୁଖ ଭୂମିକା ଗ୍ରହଣ କରିବାକୁ ସେ ଆହ୍ୱାନ କରିଥିଲେ। ଉତ୍ସବରେ ଆଇଆଇଟି ନିର୍ଦ୍ଦେଶକ ଆର.ଭି. ରାଜକୁମାର ଅଧ୍ୟକ୍ଷତା କରିବା ସହ ଶିକ୍ଷାନୁଷ୍ଠାନର ବିଭିନ୍ନ ସମସ୍ୟା, ସଫଳତା ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଫେସର ତରୁଣ ଭଟ୍ଟାଚାର୍ଯ୍ୟ, ପ୍ରସନ୍ନଜିତ୍ ପୋଦାର ପ୍ରମୁଖ ଉପସ୍ଥିତ ରହିଥିଲେ। ଏହି ଅବସରରେ ଅତିଥିମାନେ କ୍ୟାମ୍ପସ ପରିସରରେ ବୃକ୍ଷରୋପଣ କରିଥିଲେ।